# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**19 February – 2025**

## ଜଳସଂପଦ ମନ୍ତ୍ରୀ ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ଅଖିଳ ଭାରତୀୟ ରାଜ୍ୟ ଜଳସଂପଦ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦର ପରିଚାଳନା ଏବଂ ଏ ନେଇ ଓଡ଼ିଶାର ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଜଳ ସଂପଦର ସଂରକ୍ଷଣ ସଂପର୍କରେ ଗୁରୁତ୍ୱାରୋପ କରିଥିଲେ ।

ସୂଚନା ଅନୁସାରେ ଗତକାଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ।

## କେନ୍ଦ୍ରମନ୍ତ୍ରୀ

ଓଡ଼ିଶାକୁ ଦେଶର ସବୁଠାରୁ ବଡ଼ ଟସର ସିଲ୍‌କ ଉତ୍ପାଦନକାରୀ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି ବୋଲି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂ କହିଛନ୍ତି, ଏଥିପାଇଁ ରାଜ୍ୟର ୪ରୁ ୫ଟି ଜିଲ୍ଲାକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ ଜିଲ୍ଲାକୁ ପର୍ଯ୍ୟଟନ ସହ ଯୋଡ଼ି

ବୟନ ଶିଳ୍ପ ବ୍ୟବସାୟକୁ ସୁଦୃଢ଼ କରାଯିବ । ବୁଣାକାରଙ୍କ  ଆୟ ବୃଦ୍ଧି ଲାଗି କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ସିଂ କହିଛନ୍ତି ।

## ବିଧାନସଭା-ନିର୍ମାଣ ଶ୍ରମିକ

ଚଳିତବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ରାଜ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୪୫ ଲକ୍ଷ ୪୫ ହଜାର ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି ବୋଲି ଶ୍ରମ ଓ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି । ବିଧାନସଭାରେ ମନ୍ତ୍ରୀ କହିଛନ୍ତି, ସାମାଜିକ ସୁରକ୍ଷା ବୋର୍ଡରେ ୩ ଲକ୍ଷ ୯୭ ହଜାର ୨୬୨ ଜଣ ଅଣସଂଗଠିତ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି । ରାଜ୍ୟରେ ବର୍ତ୍ତମାନ ଅନ୍ୟ ରାଜ୍ୟର ଅଣଚାଳିଶ ହଜାର ୫୨୧ ଜଣ ଶ୍ରମିକ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ସିଇସି

ଭାରତର ମୁଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାର ଆଜିଠାରୁ ଦାୟିତ୍ୱ ଗ୍ରହଣ କରିବେ । ୨୦୨୯ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଜ୍ଞାନେଶ କୁମାର ଦାୟିତ୍ୱରେ ରହିବେ। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କର କାର୍ଯ୍ୟକାଳ ଗତକାଲି ଶେଷ ହୋଇଛି ।

## ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବିଭାଗର ସମୀକ୍ଷା ବୈଠକ ହୋଇଛି ।

ବୈଠକରେ ଜିଲ୍ଲାଓ୍ୱାରୀ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପ, ରାଜସ୍ୱ ଆଦାୟ ଆଦି ସଂପର୍କରେ ଆଲୋଚନା ହୋଇଥିଲା । ଶ୍ରୀ ହରିଚନ୍ଦନ ବିଭାଗରେ ଖାଲିପଡ଼ିଥିବା ପଦବୀ ପୂରଣ ସହ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

---

## ଯୁକ୍ତ ୨ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ଥିଓରୀ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି । ଆଜି ରାଜ୍ୟର ମୋଟ୍ ୧ ହଜାର ୨୭୬ଟି ପରୀକ୍ଷା କେନ୍ଦ୍ରରେ ୨ ଲକ୍ଷ ୧୫ ହଜାର ପରୀକ୍ଷାର୍ଥୀ ମାତୃଭାଷା ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି । ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଚାଲିବ । ଗତକାଲିଠାରୁ ବିଜ୍ଞାନ ଥିଓରୀ ପରୀକ୍ଷା ଆରମ୍ଭ ହୋଇଛି ।

---

## ନାମଲେଖା

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଜାନୁଆରୀ ୨୦୨୫ ଅଧିବେଶନ ପାଇଁ ନାମଲେଖା ଅବଧିକୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ **ignouadminission.samarth.edu.in**ରେ ଆବେଦନ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

---

# ପରଲୋକ

ଫୁଲବାଣୀର ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କର ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୭୪ ବର୍ଷ ବୟସରେ ପରଲୋକ ହୋଇଛି । ସେ କଂଗ୍ରେସ ଦଳରୁ ୩ଥର ସାଂସଦ ହୋଇଥିଲେ । ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି ।

---

# ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଫାଲଗୁନ କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗନୀତି ଶେଷ ହେବା ପରେ ଏହି ଗୁପ୍ତ ନୀତି କରାଯିବ। ଏଥିପାଇଁ ଅପରାହ୍ଣ ୫ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

---

# ଟେରାକୋଟୋ ପ୍ରଦର୍ଶନୀ

କଟକ ଖ୍ରୀଷ୍ଟିଆନ୍ ପଡ଼ିଆରେ ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ ଆରମ୍ଭ ହୋଇଛି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଦେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି କହିଛନ୍ତି, ଟେରାକୋଟାରେ ଉପଲବ୍ଧ ସାମଗ୍ରୀ ସଂପର୍କରେ ଜନସାଧାରଣ ଅବଗତ ହୋଇପାରିଲେ ଏହା ପ୍ଲାଷ୍ଟିକ୍‌ର ବ୍ୟବହାର ହ୍ରାସ କରିବାରେ ସହାୟକ ହେବ । ଏହି

ପ୍ରଦର୍ଶନୀରେ ୭୫ଟି ଷ୍ଟଲ୍ ଖୋଲିଥିବା ବେଳେ ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ପାରା ଆଥ୍ଲେଟ୍

ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ୨୩ତମ ଜାତୀୟ ପାରା-ଆଥ୍ଲେଟିକ୍ ଚାମ୍ପିୟାନ୍ସିପ୍‌ରେ ଓଡ଼ିଶାର ଜାନକୀ ଓରାମ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ମହିଳା ଟି-ଟ୍ୱେଲ୍‌ଭ ୧୦୦ ମିଟର ଦୌଡ଼ରେ ଜାନକୀ ଏହି ସଫଳତା ଅର୍ଜନ କରିଛନ୍ତି । ଚଳିତ ଥର ପ୍ରତିଯୋଗିତାରେ ରାଜ୍ୟର ୩୨ ଜଣ ଖେଳାଳି ଅଂଶ ଗ୍ରହଣ କରିଛନ୍ତି ।

## ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଉଥିବା ଏଫ୍ଆଇଏଚ୍ ପ୍ରୋ ହକି ଲିଗ୍‌ରେ ଗତକାଲି ଉଭୟ ଭାରତୀୟ ପୁରୁଷ ଓ ମହିଳା ବର୍ଗ ପରାସ୍ତ ହୋଇଛନ୍ତି । ପୁରୁଷ ବର୍ଗରେ ଭାରତୀୟ ଦଳ ଜର୍ମାନୀଠାରୁ ୪-୧ ଗୋଲ୍‌ରେ ପରାସ୍ତ ହୋଇଛି । ସେହିଭଳି ମହିଳା ବର୍ଗରେ ସ୍ପେନ୍ ୪-୩ ଗୋଲ୍ ସ୍କୋର କରି ବିଜୟୀ ହୋଇଛି ।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆଜିଠାରୁ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର

ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତକାଲି ବୌଦ୍ଧ ଜିଲ୍ଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଥିଲା ।

...................................................................................